# ଓଡ଼ିଶା ବିଧାନସଭା

## ପ୍ରଥମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୦୬ ସେପ୍ଟେମ୍ବର ୨୦୨୪

----

**[ବିଦ୍ୟାଳୟ ଓ ଗଣଶିକ୍ଷା - ଉଚ୍ଚ ଶିକ୍ଷା - କ୍ରୀଡା ଓ ଯୁବକଲ୍ୟାଣ - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ - ଶିଳ୍ପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ].**

**ମୋଟ ପ୍ରଶ୍ନର ସଂଖ୍ୟା 31**

----

## ମହିଳା ମାନଙ୍କ ନିଯୁକ୍ତି ଓ ଆତ୍ମନିଯୁକ୍ତି

***467 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମହିଳାଙ୍କ ନିଯୁକ୍ତି ଓ ଆତ୍ମନିଯୁକ୍ତି ହାର କେତେ ଏ କ୍ଷେତ୍ରରେ ଦେଶରେ ଆମ ରାଜ୍ୟ କେଉଁ ସ୍ଥାନରେ ଅଛି ଏହି ହାର ବୃଦ୍ଧି କରିବାପାଇଁ ରାଜ୍ୟ ସରକାର କି ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି ?

----

## ଅସମ୍ପୂର୍ଣ୍ଣ ସ୍କୁଲ ଗୃହ ସମ୍ପୂର୍ଣ୍ଣ କରିବା

***601 ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 5T ଯୋଜନା ମାଧ୍ୟମରେ ପାଣ୍ଠି ପ୍ରଦାନ କରାଯାଇଥିବା ବରଗଡ ଜିଲ୍ଲା ମାଣ୍ଡୋସିଲ ହାଇସ୍କୁଲର କୋଠା ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବା ଖବର ସରକାର ଅବଗତ ଅଛନ୍ତି କି? ଯଦି ହଁ, ଏହାକୁ ସଂପୂର୍ଣ୍ଣ କରିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ କି?

----

## ମହାବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷ ନିଯୁକ୍ତି

***602 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେତେଗୋଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷ ନିୟୋଜିତ ହୋଇନାହାଁନ୍ତି, ପ୍ରକାଶ କରି ଅଧ୍ୟକ୍ଷ ନିୟୋଜନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ

***603 ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରଜ୍ୟରେ ବେକାର ଶିକ୍ଷିତ ଯନ୍ତ୍ରୀ ମାନଙ୍କୁ ଆତ୍ମ ନିର୍ଭରଶୀଳ ହେବାପାଇଁ ନୂତନ ଶିଳ୍ପ ପ୍ରତିଷ୍ଠା ଦିଗରେ କେଉଁ କେଉଁ ପ୍ରୋତ୍ସାହନ ବ୍ୟବସ୍ଥା ରଖିଛନ୍ତି ?

----

## ITDA ଦ୍ୱାରା ବିଭିନ୍ନ କାର୍ଯ୍ୟ

***604 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ITDA ମାଧ୍ୟମରେ କେଉଁ କେଉଁ scheme ରେ କି କି କାମ ଗତ ୩ ବର୍ଷ ଭିତରେ ହୋଇଛି, ସେହିପରି କେତେ ଗୋଟି ଆଦିବାସୀ ଗ୍ରାମକୁ ସରକାର ଆଦର୍ଶ ଗ୍ରାମ ରୂପେ ଗଢି ତୋଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି ?

----

## କୋଟପାଡ ଠାରେ Sports Hostel ନିର୍ମାଣ

***605 ଶ୍ରୀ ରୁପୁ ଭାତ୍ରା (କୋଟପାଡ଼):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲାର କୋଟପାଡ଼ ଅଂଚଳର ଫୁଟବଲ ଖେଳାଳି ରାଜ୍ୟ ତଥା ରାଜ୍ୟ ବାହାରେ ଫୁଟବଲ ଖେଳି ବହୁତ ସୁନାମ ଅର୍ଜନ କରିଆସୁଛନ୍ତି, ଆମ ଆଦିବାସୀ ଅଂଚଳର ଖେଳାଳି ମାନଙ୍କ ବିକାଶ ପାଇଁ କୋଟପାଡ଼ ଠାରେ ଏକ ସ୍ପୋର୍ଟସ ହଷ୍ଟେଲ କରାଯିବା ସହ ପିଲାଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଇବାର କିଛି ଯୋଜନା ଅଛି କି ?

----

## ନୂତନ ITI ପ୍ରତିଷ୍ଠା

***606 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲିରେ Govt. ITI ନାହିଁ, ଏଣୁ ଚାନ୍ଦବାଲି କିମ୍ବା ଧାମରାଠାରେ ଗୋଟିଏ Govt. ITI ଖୋଲିବା ପାଇଁ ପଦକ୍ଷେପ ନେବେ କି ?

----

## ସଂସ୍କୃତି ଓ ଐତିହ୍ୟ ସର୍କିଟ ସ୍ଥାପନ

***607 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ପ୍ରଧାନତଃ ଯେଉଁ ଜିଲ୍ଲା ମାନେ ପାଇକ ବିଦ୍ରୋହରେ ଅଂଶଗ୍ରହଣ କରିଥିଲେ ସେହି ସବୁ ଜିଲ୍ଲା ମାନଙ୍କୁ ନେଇ ପାଇକ ସଂସ୍କୃତି ଓ ଐତିହ୍ୟ ସର୍କିଟ (Circuit) ସ୍ଥାପନ କରିବା ପାଇଁ ସରକାର କିଛି ପଦକ୍ଷେପ ନେଇଛନ୍ତି କି ? ଯଦି ନା ତେବେ ଏ ସମ୍ବନ୍ଧରେ ସରକାର କିଛି ପଦକ୍ଷେପ ନେବେ କି ?

----

## ସରକାରୀ ନିଯୁକ୍ତି କ୍ଷେତ୍ରରେ ଭିନ୍ନକ୍ଷମଙ୍କୁ ଅଗ୍ରାଧିକାର

***608 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସରକାରୀ ନିଯୁକ୍ତି ଓ ପ୍ରମୋସନ କ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଆଇନ- 2016 ଅନୁଯାୟୀ 4 ପ୍ରତିଶତ ସଂରକ୍ଷଣ ଦେବା କଥା, ଏହାର କାର୍ଯ୍ୟକାରୀ ପାଇଁ ଏ ପର୍ଯ୍ୟନ୍ତ ରେଗୁଲେସନ୍ ହୋଇଛି କି ନାହିଁ, ଯଦି ହୋଇନାହିଁ, ଏହା କେବେ ହେବ ଜଣାଇବେକି ?

----

## ବିଦ୍ୟାଳୟରେ ରୂପାନ୍ତରିତ କାର୍ଯ୍ୟ

***609 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଜଗତସିଂହପୁର ଜିଲ୍ଲାର ଏରସମା ଏବଂ ବାଲିକୁଦା ବ୍ଲକ ଅଧିନସ୍ଥ କେଉଁ କେଉଁ ମହାବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଗତ ଦୁଇ ବର୍ଷ ଭିତରେ କରାଯାଇଛି, ଏବଂ କେଉଁ ବିଦ୍ୟାଳୟ Building ନିର୍ମାଣ ବାବଦରେ କେତେ ଖର୍ଚ୍ଚ ହୋଇଛି କହିବେ କି, ଉକ୍ତ ଦୁଇଗୋଟି ବ୍ଲକର ଅନ୍ୟ ଯେଉଁ School Building ଗୁଡିକ renovation ହୋଇନାହିଁ, ସେଗୁଡିକର ବିପଦ ସଙ୍କୁଳ ଶ୍ରେଣୀ ଗୃହ ଗୁଡିକ ଯଥାଶୀଘ୍ର ମରାମତି କରିବେ କି ?

----

## ଶିକ୍ଷାନୁଷ୍ଠାନ ପୃଥକୀକରଣ

***610 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)ରାଜ୍ୟ ସରକାର +2 ଶିକ୍ଷାନୁଷ୍ଠାନଗୁଡ଼ିକୁ ଗୋଟିଏ ପରିସରରେ ଥିବା +3 ଶିକ୍ଷାନୁଷ୍ଠାନ ଠାରୁ ପୃଥକ କରିବାର ଯୋଜନା ଅଛି କି ; (ଖ) ଯଦି ହଁ କେଉଁ କାରଣ ପାଇଁ ଓ କେବେ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରାଯିବ?

----

## Industrial corridor in Western Odisha

***611 Shri Sagar Charan Das (Bhawanipatna):**

Will the Minister for **Industries** be pleased to state that:- What is the status of the proposed industrial corridor in Western Odisha, and how will it impact employment in the KBK districts?

----

## ଆବାସିକ ବିଦ୍ୟାଳୟକୁ +2 ଅନୁଷ୍ଠାନରେ ପରିଣତ

***612 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହିତ କେନ୍ଦୁଝର ଜିଲ୍ଲାର କେଉଁ କେଉଁ ବ୍ଲକ ଓ ପୌରସଂସ୍ଥା ଅଧୀନରେ କେତେଗୋଟି ବିଦ୍ୟାଳୟ ଥିଲାବେଳେ ତନ୍ମଧ୍ୟରୁ କେଉଁ କେଉଁ ଆବାସିକ ବିଦ୍ୟାଳୟକୁ ଉନ୍ନତିକରଣ କରାଯାଇ +୨ ଅନୁଷ୍ଠାନରେ ପରିଣତ କରାଯାଇଛି, ପ୍ରକାଶ ପୂର୍ବକ ଜିଲ୍ଲାରେ ଥିବା ବିଭାଗୀୟ ବିଦ୍ୟାଳୟ ମାନଙ୍କରେ ଶିକ୍ଷାର ମାନ ବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବାରବାଟି ଷ୍ଟାଡିୟମ ବିଶ୍ୱସ୍ତରୀୟ ଷ୍ଟାଡିୟମରେ ପରିଣତ

***613 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବାରବାଟି ଷ୍ଟାଡିୟମକୁ ନବକଳେବର କରିବା, ବିଶ୍ୱସ୍ତରୀୟ ଷ୍ଟାଡିୟମରେ ପରିଣତ କରିବା, ନୂଆ ବାରବାଟୀ କ୍ରୀକେଟ୍ ଗ୍ରାଉଣ୍ଡ ପ୍ରକଳ୍ପ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି, ବାରବାଟୀ ଷ୍ଟାଡିୟମକୁ 60 ହଜାରକୁ ଊର୍ଦ୍ଧ୍ୱ ଦର୍ଶକ ବସିବାପାଇଁ, ଖେଳାଳିମାନଙ୍କ ପାଇଁ ଅତ୍ୟାଧୁନିକ ଡ୍ରେସିଂ ରୁମ ସହ ନୂତନ ଜ୍ଞାନ କୌଶଳରେ ଜିମ୍ ଓ ଅନ୍ୟାନ୍ୟ କ୍ରୀଡା ଭିତ୍ତିଭୂମି ପାଇଁ 700 କୋଟି ଟଙ୍କାର ବ୍ୟୟ ଅଟକଳ ଯାହା ହୋଇଥିଲା ତାର ସ୍ଥିତି ଏବେ କ'ଣ, ସେହିଭଳି କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱ କପ ଆୟୋଜନ ପାଇଁ ନୂତନ ନିର୍ମିତ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମ ନିର୍ମାଣ ପାଇଁ ଅତ୍ୟାଧୁନିକ ସବୁ ବ୍ୟବସ୍ଥା ଓ କ୍ରୀଡା ଭିତ୍ତିଭୂମି ପାଇଁ କେତେ ଖର୍ଚ୍ଚ ହୋଇଛି ଓ କି କି ପ୍ରକାର ବ୍ୟବସ୍ଥା ସୁବିଧା ହୋଇଛି; କେତେ ଖେଳାଳି କେଉଁ କେଉଁ ଖେଳରେ ସୁବିଧା ପାଇଛନ୍ତି ?

----

## ITI College ର ଶ୍ରେଣୀଗୃହ ନିର୍ମାଣ

***614 ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୁନାଗଡ ନିର୍ବାଚନ ମଣ୍ଡଳୀର ଜୁନାଗଡ ଠାରେ ଥିବା ITI College ଗତ 2 ବର୍ଷ ହେଲା ଆରମ୍ଭ ହୋଇଥିଲେ ମଧ୍ୟ ଏହାର ନିଜସ୍ୱ ଶ୍ରେଣୀଗୃହ ନଥିବାରୁ ଏହାର ଶ୍ରେଣୀଗୃହ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ଶ୍ରେଣୀଗୃହ ନିରୁପଣ ହୋଇଥିବା ସ୍ଥାନ ପାଇଁ ବ୍ୟବସ୍ଥା କରିବେ କି ?

----

## କଳାକାର ଭତ୍ତା ପ୍ରଦାନ

***615 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଓଡିଶାରେ ଏବେ କେତେ ଲୋକଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଉଛି ଏବଂ କେତେ ଆବେଦନକାରୀ ଭତ୍ତା ପାଇବାକୁ ଆବେଦନ କରିଛନ୍ତି, ଏହି ଅପେକ୍ଷାରତ ଆବେଦନକାରୀଙ୍କୁ କଳାକାର ଭତ୍ତା ପ୍ରଦାନ ପାଇଁ ସରକାର କିଛି ସମୟସୀମା ନିର୍ଦ୍ଧାରଣ କରିଛନ୍ତି କି, କଳାକାର ଭତ୍ତା ବାବଦରେ ସରକାର କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ଏବଂ ଆଗାମୀ ଦିନରେ ଭତ୍ତାର ପରିମାଣ ବୃଦ୍ଧି କରିବାକୁ କିଛି ଯୋଜନା କରିଛନ୍ତି କି ?

----

## ଭତ୍ତା ବୃଦ୍ଧି ସମ୍ପର୍କରେ

***616 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ୮୦% ଦିବ୍ୟାଙ୍ଗମାନଙ୍କୁ ମାସିକ ୩.୫୦୦/୩,୦୦୦ ଟଙ୍କା ଭତ୍ତା ଦେବାକୁ ସରକାର ଘୋଷଣା କରିଥିବାବେଳେ, ବଡ଼ଚଣା ବ୍ଲକର କେତେ ଜଣ ଏହି ନୂତନ ନିଷ୍ପତ୍ତି ଦ୍ୱାରା ଉପକୃତ ହେବେ ସେମାନଙ୍କର ଏକ ତାଲିକା ପ୍ରଦାନ କରିବେ କି, (ଖ) ବର୍ଦ୍ଧିତ ୩.୫୦୦/୩,୦୦୦ ଟଙ୍କା ଭତ୍ତା ପ୍ରଦାନ ନିଷ୍ପତ୍ତି କେବେ ଠାରୁ କାର୍ଯ୍ୟକାରୀ ହେବେ ?

----

## CT/B.Ed ମାନଙ୍କୁ ନିଯୁକ୍ତି ଦେବା

***617 ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ୧୨୨୦ ରୁ 2001 ମସିହା ମଧ୍ୟରେ ତାଲିମଧାରୀ CT/B.Ed ମାନଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯିବାର କାରଣ କ'ଣ ଜଣାଇବେ କି, ନିଯୁକ୍ତିରୁ ବଞ୍ଚିତ 10 ହଜାରରରୁ ଉର୍ଦ୍ଧ ତାଲିମଧାରୀ ବହୁ ଦୁଃଖ କଷ୍ଟରେ ବଞ୍ଚିଥିବା ତଥ୍ୟ ସରକାର ଜାଣନ୍ତି କି ; ଉତ୍ତର 'ହଁ' ହେଲେ ସେମାନଙ୍କର ନିଯୁକ୍ତି ପାଇଁ କିଛି ବ୍ୟବସ୍ଥା କରିବେ କି ?

----

## ମହାବିଦ୍ୟାଳୟରେ ହିନ୍ଦୀ ବିଷୟରେ ଶିକ୍ଷାଦାନ

*୬୧୪ **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟର କେଉଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ହିନ୍ଦୀ ବିଷୟରେ ମାତୃଭାଷା ଓ ଇଚ୍ଛାଧୀନ ଏବଂ ସମ୍ମାନଶ୍ରେଣୀରେ ଶିକ୍ଷାଦାନ କରାଯାଉଛି ପ୍ରକାଶ କରି ପ୍ରତ୍ୟେକ ମହାବିଦ୍ୟାଳୟରେ ହିନ୍ଦୀ ବିଷୟରେ ଶିକ୍ଷାଦାନ ବ୍ୟବସ୍ଥା କରି ଅଧ୍ୟାପକ ନିୟୋଜନ କରି ଅଧ୍ୟାପକଙ୍କ ବେତନ ବାବଦରେ ବ୍ୟୟ କେନ୍ଦ୍ର ସରକାରଙ୍କଠାରେ ଦାବି କରିବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ପୁଞ୍ଜି ନିବେଶ

*୬୧୨ **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ବର୍ତ୍ତମାନ ଶିଳ୍ପ କ୍ଷେତ୍ରରେ କେତେ ଦେଶୀ ଓ ବିଦେଶୀ ପୁଂଜି ବିନିଯୋଗ ପ୍ରସ୍ତାବ କେତୋଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାର ପ୍ରସ୍ତାବ ରହିଛି, ଏସବୁ ଦିଗରେ କେତେ ଅଗ୍ରଗତି ହେଲାଣି ଏବଂ କେବେସୁଦ୍ଧା ଏହା ସଂପୂର୍ଣ୍ଣ ହେବାର ଲକ୍ଷ୍ୟ ରହିଛି?

----

## ଛାତ୍ରାବାସ ଓ ଛାତ୍ରୀ ନିବାସ ପ୍ରତିଷ୍ଠା

*620 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଭଦ୍ରକ ଜିଲ୍ଲାରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ପଛୁଆବର୍ଗଙ୍କୁ ଆବାସିକ ଶିକ୍ଷାର ସୁଯୋଗ ଦେବାପାଇଁ କେଉଁ ଶିକ୍ଷାନୁଷ୍ଠାନରେ କେତେ ପିଲାଙ୍କ ରହଣୀ ପାଇଁ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ପଛୁଆବର୍ଗ ଛାତ୍ରାବାସ ଓ ଛାତ୍ରୀ ନିବାସ ପ୍ରତିଷ୍ଠା ହୋଇଛି, ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି, ପ୍ରକାଶ କରି ଜିଲ୍ଲାରେ ଶିକ୍ଷାନୁଷ୍ଠାନ ମାନଙ୍କରେ ଅଧିକ ସଂଖ୍ୟକ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଇଣ୍ଡୋର ଷ୍ଟାଡ଼ିୟମ ଓ ଓପନ ଜିମ ପାଇଁ ଆବଶ୍ୟକୀୟ ଅନୁଦାନ ପ୍ରଦାନ

*621 Shri Nilamadhab Hikaka (Bissam-cuttack):

Will the Minister for **Sports & Youth Services** be pleased to state that:- ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକର head quarter ରେ ବିଭାଗ ତରଫରୁ ଚାରୋଟି ଇଣ୍ଡୋର୍ ଷ୍ଟାଡିୟମ୍, ଓପନ ଜିମ ସଂସ୍ଥାପନ ନିର୍ମାଣ ନିମନ୍ତେ ଆବଶ୍ୟକୀୟ ସରକାରୀ ଅନୁଦାନ ଯୋଗାଇ ଦେବେ କି ଯଦି ହଁ କେବେ ସୁଦ୍ଧା ଯୋଗାଇ ଦେବେ ?

----

## ପଦବୀ ପୂରଣ

***622 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ରାଜ୍ୟରେ କେତୋଟି ସରକାରୀ ବୈଷୟିକ ମହାବିଦ୍ୟାଳୟ ଅଛି ; ତନ୍ମଧ୍ୟରୁ କେତୋଟିରେ ସ୍ନାତକ ଓ କେତୋଟିରେ ଡିପ୍ଲୋମା ସ୍ତରର ଶିକ୍ଷା ପ୍ରଦାନ କରାଯାଉଛି ; କେଉଁ ମହାବିଦ୍ୟାଳୟରେ କେଉଁ ଶାଖାରେ ଶିକ୍ଷାଦାନ ହେଉଛି ଏବଂ ଶାଖାଓ୍ୱାରୀ ମଞ୍ଜୁରୀକୃତ ଆସନ ସଂଖ୍ୟା କେତେ ; ବିଗତ ୩ ବର୍ଷରେ ମହାବିଦ୍ୟାଳୟ ଗୁଡ଼ିକରେ କେଉଁ ଶାଖାରେ କେତେ ଛାତ୍ର ନାମ ଲେଖାଇଥିଲେ ; ଯଦି ମଞ୍ଜୁରୀକୃତ ଆସନ ସଂଖ୍ୟାଠାରୁ ନାମଲେଖା ସଂଖ୍ୟା ହ୍ରାସ ହୁଏ ତେବେ ଏହାର କାରଣ ଅନୁସନ୍ଧାନ କରିବାର ସରକାରଙ୍କ ପ୍ରସ୍ତାବ ଅଛି କି ; (ଖ) ମହାବିଦ୍ୟାଳୟଗୁଡ଼ିକରେ ମଞ୍ଜୁରୀକୃତ Teaching Staff କେତେ ଏବଂ ମହାବିଦ୍ୟାଳୟୱାରୀ ତଥ୍ୟ ଦେବେ କି ; ଯଦି ପଦବୀ ଖାଲି ରହିଛି, ଖାଲି ପଦବୀରେ ନିଯୁକ୍ତି କେବେ ଦେବେ ?

----

## ରାଜ୍ୟରେ ଥିବା ସଂଗ୍ରହାଳୟ

***623 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଓଡିଶା ରାଜ୍ୟ ସଂଗ୍ରହାଳୟରେ ରାଜ୍ୟର ସମସ୍ତ ଜିଲ୍ଲାର କିଛି ନା କିଛି ସ୍ମୃତି ଫଟୋ ଚିତ୍ର ମାଧ୍ୟମରେ ହେଲେ ମଧ୍ୟ ସ୍ଥାନ ପାଇଛି କିନ୍ତୁ ଦେବଗଡ ଭଳି ଏକ ଐତିହ୍ୟ ସମ୍ପୂର୍ଣ୍ଣ ସ୍ଥାନର କିଛି ମଧ୍ୟ ଚିତ୍ର ନାହିଁ କ'ଣ ପାଇଁ ଜଣାଇବେକି, ଦେବଗଡ଼ ର କୁରୋଡକୁଟ ଜଳ ବିଦ୍ୟୁତ ପ୍ରକଳ୍ପ ଏସିଆ ମହାଦେଶର ତିନି ନମ୍ବର ଜଳ ବିଦ୍ୟୁତ୍ ପ୍ରକଳ୍ପ ଯାହାର ଅଂଶ ବିଶେଷ ସବୁ ବିଦ୍ୟୁତ ବିଭାଗର କାର୍ଯ୍ୟାଳୟରେ ନଷ୍ଟ ହେଉଅଛି, ଏଥି ପ୍ରତି ଦୃଷ୍ଟି ଦେଇ ଏ ଗୁଡିକୁ ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ଦେବେ କି ?

----

## ଠିକ ସମୟରେ ଭତ୍ତା ଜମା କରିବା

***624 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବିଭିନ୍ନ ସ୍କିମରେ ଜମାଖାତାରେ ଜମା ହେଉଥିବା ଭତ୍ତା ଠିକ ସମୟରେ ଜମା ହେଉନାହିଁ; ଫଳରେ ଗରିବ ଏବଂ ନିରୀହ ଭତ୍ତା ହିତାଧିକାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏଣୁ ଯେ କୌଣସି ନିର୍ଦ୍ଦିଷ୍ଟ ତାରିଖରେ ଭତ୍ତା ଜମା କରିବାର ବ୍ୟବସ୍ଥା କରିବେ କି ?

----

## ଛାତ୍ର/ଛାତ୍ରୀ ମାନଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ

***625 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତବର୍ଷ ରାଜ୍ୟର କେଉଁ ଜିଲ୍ଲାରେ ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚବିଦ୍ୟାଳୟ ସ୍ତରରେ କେତେ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି, ସେମାନଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରିବାରେ କେତେ ଶତାଂଶ ସଫଳତା ହାସଲ ହୋଇଛି, ପ୍ରକାଶ କରି ପାଠ୍ୟ ପୁସ୍ତକ ବଣ୍ଟନ କେବେସୁଦ୍ଧା ପୂର୍ଣ୍ଣାଙ୍ଗ କରାଯିବ ?

----

## Second Campus for Sailabala College

***626 ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(a) Considering the rich history of Sailabala Women's College, which has been a beacon of women's education in Odisha since 1913; Are there any concrete plan to develop a second campus for Sailabala Women's College, given the growing demand for higher education among women in the region; If yes, will the Government provide details of the proposed site and the timeline for implementation; (b) Has the government considered converting Sailabala Women's College into a full-fledged university to honor its historical significance and meet the educational needs of the modern era; If so, what measures have been taken and what is the expected timeline for this transition?

----

## ରାଜ୍ୟରେ ଥିବା Agro Industries

***627 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ସର୍ବୋମୋଟ କେତେଗୋଟି କୃଷି ଉଦ୍ୟୋଗ (Agro Enterprise) ସ୍ଥାପନ ହୋଇଛି ରଘୁନାଥ ପାଲ୍ଲୀ ନିର୍ବାଚନ ମଣ୍ଡଳୀରେ ଏ ଦିଗରେ କଣ ବିଶେଷ ପଦକ୍ଷେପ ନିଆଯାଇଛି ?

----

## OSFDCକୁ ମିଳିଥିବା ଅର୍ଥ

***628 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଅର୍ଥ ଉନ୍ନୟନ ସମବାୟ ନିଗମ (OSFDC) ବିଗତ ୫ଟି ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓ କେନ୍ଦ୍ରସରକାରଙ୍କ ଅନୁବନ୍ଧିତ ସଂସ୍ଥାମାନଙ୍କ ଠାରୁ କେତେ କେତେ ଅର୍ଥ କେଉଁ କେଉଁ ବାବଦରେ ପାଇଅଛି, ତାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି, ଉକ୍ତ ଅର୍ଥକୁ ରାଜ୍ୟ ସରକାରଙ୍କ ଅଥବା ନିଗମର କେଉଁ କେଉଁ ଅଧିକାରୀମାନଙ୍କ ଦ୍ୱାରା ଖର୍ଚ୍ଚ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ଏବଂ ଉକ୍ତ ଅର୍ଥକୁ କେଉଁ କେଉଁ ସରକାରୀ ଅଥବା ଘରୋଇ ସଂସ୍ଥାମାନଙ୍କୁ ଦିଆ ଯାଇ ଖର୍ଚ୍ଚ କରାଯାଇଅଛି, ତା'ର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଉକ୍ତ ଖର୍ଚ୍ଚ ହୋଇଥିବା ଅର୍ଥରେ ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତେ କେତେ ଅନୁସୂଚିତ ଜାତି ଓ ଜନଜାତିର ଲୋକମାନେ ଅଥବା ଯୁବକ, ଯୁବତୀ ଉପକୃତ ହୋଇଛନ୍ତି ଓ କର୍ମ ନିଯୁକ୍ତି ପାଇଛନ୍ତି, ଏହାର ଏକ ଜିଲ୍ଲାୱାରୀ ତାଲିକା ଉପସ୍ଥାପନ କରିବେ କି, ବର୍ତ୍ତମାନ ନିଗମ ପାଖରେ ବଳକା ଅର୍ଥ ଅଛି କି ନାହିଁ , ଯଦି ଅଛି କେତେ ପରିମାଣ ଅର୍ଥ ଅଛି ତା'ର ବିବରଣୀ ପ୍ରଦାନ କରିବେ କି ?

----

## ହକି ଖେଳାଳୀଙ୍କ ସଂପର୍କରେ

***629 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଓଡିଶାରେ ଆର୍ନ୍ତଜାତୀୟ ଓ ଜାତୀୟ ହକି ଖେଳୁଥିବା କେତେଜଣ ଖେଳାଳୀ ରହିଛନ୍ତି ଓ ଏମାନଙ୍କ ମଧ୍ୟରୁ କେଉଁମାନେ ଆର୍ନ୍ତଜାତୀୟ କ୍ରୀଡାରେ ଅଂଶଗ୍ରହଣ କରିଛନ୍ତି ଏହି ଖେଳାଳୀମାନଙ୍କ ମଧ୍ୟରୁ ଝାରସୁଗୁଡାରୁ କେଉଁ କେଉଁମାନେ ରହିଛନ୍ତି, ନିକଟରେ ଅନୁଷ୍ଠିତ ପ୍ୟାରିସ ଅଲମ୍ପିକସରେ ଓଡିଶାରୁ ଅଧିକ ଖେଳାଳୀ ସ୍ଥାନ ନପାଇବାର କାରଣ କଣ?

----

## ଓଇସି କଲେଜ ବନ୍ଦ ହେବା ସମ୍ପର୍କରେ

***630 ଶ୍ରୀ ଆଶ୍ରିତ୍ ପଟ୍ଟନାୟକ (ପିପିଲି):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟର ପ୍ରଥମ ବେସରକାରୀ ବୈଷୟିକ ମହାବିଦ୍ୟାଳୟ ଓଡିଶା ଇଂଜିନିୟରିଂ କଲେଜ(ଓଇସି) ଦୀର୍ଘ ବର୍ଷ ହେବ ବନ୍ଦ ହୋଇଯାଇଛି, ଉକ୍ତ କଲେଜ ବନ୍ଦ ହେବାର କାରଣ କ'ଣ ଓ ଏହି କଲେଜକୁ ପୁନଃ କାର୍ଯ୍ୟକ୍ଷମ ବା ଚାଲୁ କରିବାକୁ କି ପଦକ୍ଷେପ ନେଉଛନ୍ତି ଜଣାଇବେ କି ?

----